# ଆମ ଏକତାର ଉଦ୍ଦେଶ୍ୟ
# ଏକ ନ୍ୟାୟୋଚିତ ଭବିଷ୍ୟତ

IndustriALL Global Union 3ୟ କଂଗ୍ରେସ
14-15 ସେପ୍ଟେମ୍ବର 2021

## ଯୁବବର୍ଗଙ୍କ ବିଷୟରେ ସଂକଳ୍ପ
## ଭବିଷ୍ୟତ ଆମ ମୁଠାରେ
## ଭବିଷ୍ୟତ ଆମ ଦୁଆରେ!

ଶ୍ରମ ଜଗତ ଦ୍ରୁତ ଗତିରେ ବଦଳୁଛି ଏବଂ କୋଭିଡ ମହାମାରୀ ଯୁବବର୍ଗର ସ୍ଥିତିକୁ ଆହୁରି ଖରାପ କରିଦେଇଛି। ବେକାରୀ, ଅନିଶ୍ଚିତ ଚୁକ୍ତିନାମା, କମ ମଜୁରୀ ଏବଂ ସାମାଜିକ ନିରାପତ୍ତା ନମିଳିବା ଅଧିକାଂଶ ଯୁବ ଶ୍ରମଜୀବୀଙ୍କ ସାଧାରଣ ସ୍ଥିତି ଅଟେ। ଶ୍ରମଜୀବୀସଂଘଗୁଡ଼ିକରେ ଯୁବକଙ୍କ ଯୋଗଦାନର ପରିମାଣ ଅତି ଅଳ୍ପ ଅଟେ।

ଏହି ଧାରାକୁ ବଦଳାଇବା ପାଇଁ ସଂଘଗୁଡ଼ିକୁ ସକ୍ରିୟ ଭାବେ କାମ କରିବା ଆବଶ୍ୟକ ତଥା ଯୁବ ସଦସ୍ୟମାନେ ସେମାନେ ଚାହୁଁଥିବା ଏବଂ ନେତା ଭାବରେ ସେମାନଙ୍କ ସକ୍ରିୟତା ଓ ଅଭିବୃଦ୍ଧି ପାଇଁ ଲାଭଦାୟକ ହୋଇଥିବା ଉପାୟରେ ସକ୍ରିୟ ରହିବାକୁ ସ୍ଥାନ ଓ ସମ୍ବଳ ପାଉଛନ୍ତି ବୋଲି ସୁନିଶ୍ଚିତ କରିବା ଦରକାର। ଏହା ସମଗ୍ର ବିଶ୍ୱରେ ଶ୍ରମଜୀବୀସଂଘ ଆନ୍ଦୋଳନର ଭବିଷ୍ୟତକୁ ସୁନିଶ୍ଚିତ କରିବ। ସଂଘଗୁଡ଼ିକୁ ଯୁବ ଶ୍ରମଜୀବୀଙ୍କ ପାଇଁ ପ୍ରାସଙ୍ଗିକ କରିବାକୁ, ଆମର ଦାବି:

1. **ଆମେ ଦାବି କରୁଛୁ ଯେ, ଯୁବକମାନେ ନିଷ୍ପତ୍ତି ଗ୍ରହଣକାରୀ ସଂସ୍ଥାଗୁଡ଼ିକର ଅଂଶ ହୁଅନ୍ତୁ।**

ଅଧିକାଂଶ ଯୁବ ଶ୍ରମଜୀବୀ, ଶ୍ରମଜୀବୀସଂଘଗୁଡ଼ିକର ମୂଲ୍ୟବୋଧରେ ବିଶ୍ୱାସ ରଖନ୍ତି ଏବଂ ଆମେ ସବୁ ଶ୍ରମଜୀବୀଙ୍କ ପାଇଁ ପ୍ରାସଙ୍ଗିକ ସଂଘଗୁଡ଼ିକର ଗଠନ କରିବା ଜାରି ରଖିବାକୁ ଯୁବବର୍ଗର ମତାମତ ଗୁରୁତ୍ୱପୂର୍ଣ୍ଣ ଅଟେ। ଗ୍ରହଣ କରାଯାଉଥିବା ନିଷ୍ପତ୍ତିଗୁଡ଼ିକ ଯୁବ ଶ୍ରମଜୀବୀଙ୍କ ଅବିରତ ନିୟୋଜନ ଓ ସଂଗଠନକୁ ସମର୍ଥନ କରୁଛି ଏବଂ ଯୁବକଯୁବତୀମାନେ କର୍ମକ୍ଷେତ୍ରରେ ଓ ସେମାନଙ୍କ ସମ୍ପ୍ରଦାୟରେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକର ପ୍ରତିନିଧିତ୍ୱ କରୁଛି ବୋଲି ସୁନିଶ୍ଚିତ କରିବା ପାଇଁ ନିଷ୍ପତ୍ତି ନେବା ସମୟରେ ଯୁବ ଶ୍ରମଜୀବୀଙ୍କୁ ନିଶ୍ଚିତ ଭାବରେ ଟେବୁଲରେ ସ୍ଥାନ ମିଳିବା ଦରକାର।

2. **IndustriALL ଯୁବ ବର୍ଗଙ୍କ ଅଂଶଗ୍ରହଣ ବୃଦ୍ଧି ପାଇଁ ଦୃଢ଼ ଉପାୟ ତିଆରି କରିବ।**

IndustriALL ସକ୍ରିୟ ଭାବେ ତାଙ୍କ ସହବଦ୍ଧ ସଦସ୍ୟଙ୍କୁ ଉତ୍ସାହିତ କରିବ ଯାହା ଫଳରେ IndustriALLର ସବୁ କାର୍ଯ୍ୟକଳାପ, GFA ପର୍ଯ୍ୟବେକ୍ଷକ ସମିତି ଓ ନିଷ୍ପତି ନେବା ପ୍ରଣାଳୀରେ ଯୁବବର୍ଗଙ୍କ ଅଂଶଗ୍ରହଣ ବଢ଼ିବ।

3. **ଆମେ ଦାବି କରୁଛୁ ଯୁବ ସଂଗଠନମୂଳକ ଅଭିଯାନ।**

ଯଦି ସଂଗଠନଗୁଡ଼ିକ ଯୁବ ଶ୍ରମଜୀବୀଙ୍କ ପ୍ରତିନିଧିତ୍ୱ କରିବାକୁ ନେଇ ଗମ୍ଭୀର ଅଛନ୍ତି ତେବେ କେତେକ ନିର୍ଦ୍ଦିଷ୍ଟ ଅଭିଯାନ ପାଇଁ IndustriALL Global Union ଓ ଏହାର ଅନୁବନ୍ଧିତ ନେତୃତ୍ୱ ସହାୟତା ଯୋଗାଇବା ଆବଶ୍ୟକ। ଯେଉଁ ରାଷ୍ଟ୍ରଗୁଡ଼ିକରେ

ଶ୍ରମଜୀବୀସଂଘଗୁଡ଼ିକର ପର୍ଯ୍ୟାପ୍ତ ସଂରଚନା କିମ୍ବା ସମ୍ବଳ ନାହିଁ ତାକୁ ବିଶେଷ ଧ୍ୟାନ ଦେଇ ସେଠାରେ ସ୍ଥୁଳ ସମ୍ବଳ, ବାସ୍ତବବାଦୀ ବଜେଟ୍ ଏବଂ ଯୁବ କର୍ମୀଙ୍କୁ ସଂଗଠିତ କରିବା ପାଇଁ ପର୍ଯ୍ୟାପ୍ତ ସମୟ ଦେବା ଆବଶ୍ୟକ।

**4. ଆମେ ଦାବି କରୁଛୁ ଆଞ୍ଚଳିକ ଏବଂ ଆନ୍ତର୍ଜାତୀୟ ଦକ୍ଷତା ବିକାଶ ବିନିମୟ କାର୍ଯ୍ୟକ୍ରମ ପରିଚାଳନା।**

ସାରା ବିଶ୍ୱ ସ୍ତରରେ ଶକ୍ତି ବୃଦ୍ଧି କରିବା ପାଇଁ ଏବଂ ଯୁବବର୍ଗଙ୍କୁ ଆମ ସଂଘଗୁଡ଼ିକର କର୍ମକ୍ଷେତ୍ରରେ ଜଡ଼ିତ କରିବାରେ ସଫଳ ହେବା ପାଇଁ ଆମକୁ ସାରା ବିଶ୍ୱର ଯୁବ କର୍ମୀଙ୍କ ସହ ସମ୍ପର୍କ ଗଢ଼ିବାକୁ ହେବ। ଯୁବ ସଶକ୍ତିକରଣ କାର୍ଯ୍ୟକ୍ରମ, ଯୁବ ଶିକ୍ଷାଗତ ସୁଯୋଗ ଏବଂ ଆଦାନ ପ୍ରଦାନ କାର୍ଯ୍ୟକ୍ରମ ଆମକୁ ପରସ୍ପର ଠାରୁ ଶିଖିବା ଏବଂ ଯୁବକମାନଙ୍କୁ ଜଡ଼ିତ କରିବାର ଉତ୍ତମ ଉପାୟ ସୃଷ୍ଟି କରିବାର କ୍ଷମତା ଦେବ।

**5. ଆମେ ଦାବି କରୁଛୁ ଯୁବ ଏବଂ ଯୁବ ନାରୀବାଦୀ ଶିକ୍ଷା ଅନୁଷ୍ଠାନ ସ୍ଥାପନ।**

ଯୁବ କର୍ମୀ ଓ ଯୁବ ନାରିବାଦୀଙ୍କୁ ବିଶ୍ୱାସଯୋଗ୍ୟ ନେତା ଭାବେ ପ୍ରସ୍ତୁତ କରିବା ପାଇଁ ସଂରଚନା ଓ ପର୍ଯ୍ୟାପ୍ତ ପ୍ରଶିକ୍ଷଣ (କ୍ଷମତା ନିର୍ମାଣ) ଆବଶ୍ୟକ। ଆଞ୍ଚଳିକ କିମ୍ବା ଜାତୀୟ ସ୍ତରରେ ଏହି ଶିକ୍ଷା ଅନୁଷ୍ଠାନ ସ୍ଥାପନ କରାଯାଇପାରେ।

**6. ଆମେ ଦାବି କରୁଛୁ ଆମର ଭବିଷ୍ୟତ ବିଷୟରେ ସମସ୍ତ ବୁଝାମଣାରେ ଯୁବମାନଙ୍କ ଯୋଗଦାନର ଅଧିକାର।**

ଯୁବକଙ୍କ କାର୍ଯ୍ୟ ପ୍ରାୟତଃ ଚୁକ୍ତିଭିତ୍ତିକ ନିରାପତ୍ତା ଏବଂ ମଜୁରୀ ଅସୁରକ୍ଷିତତା - ଅନିଶ୍ଚିତତା ସହ ସମାର୍ଥବୋଧକ। ଆମେ ଭଲ ଏବଂ ଗୁଣାତ୍ମକ ନିଯୁକ୍ତି ଆବଶ୍ୟକ କରୁ ଯାହା ସମସ୍ତ ଯୁବ ଶ୍ରମଜୀବୀଙ୍କୁ ସୁରକ୍ଷା ଏବଂ ଆତ୍ମବିଶ୍ୱାସର ଭବିଷ୍ୟତ ବିଷୟରେ କଳ୍ପନା କରିବାକୁ ଅନୁମତି ଦିଏ ଏବଂ ସାମୁହିକ ଚୁକ୍ତିନାମା ଓ ଚାକିରୀ ନୀତି ବୁଝାମଣା କରିବା ସମୟରେ ଯୁବ କର୍ମୀଙ୍କୁ ଏଥିରେ ସମ୍ପୃକ୍ତ କରିବା ଏହାକୁ ସୁନିଶ୍ଚିତ କରିବାର ଏକମାତ୍ର ଉପାୟ।

**7. ଆମେ ଦାବି କରୁଛୁ ଲିଙ୍ଗ-ଆଧାରିତ ହିଂସାର ସମାପ୍ତି।**

ଲିଙ୍ଗ-ଆଧାରିତ ହିଂସା ଏବେ ମଧ୍ୟ ଏକ ବାସ୍ତବତା ଅଟେ। କର୍ମକ୍ଷେତ୍ରରେ ଏବେ ମଧ୍ୟ ଯୌନ ଉତ୍ପୀଡ଼ନ ଘଟଣା ଘଟୁଛି, ଏପରିକି ଆମ ସଂଘଗୁଡ଼ିକ ଭିତରେ ମଧ୍ୟ। ଆମେ IndustriALLର ଯୁବବର୍ଗ ଲିଙ୍ଗ-ଆଧାରିତ ହିଂସାକୁ ନା କହୁଛୁ! ଆମେ ମହିଳାମାନଙ୍କ ପାଇଁ ସୁରକ୍ଷିତ ସ୍ଥାନ ଚାହୁଁ। ଆମେ ଆମର ସମସ୍ତ ସଂଘ ଓ କର୍ମକ୍ଷେତ୍ରରେ ଲିଙ୍ଗଗତ ସଚେତନତା ଅଭିଯାନ ଚାହୁଁ ଏବଂ ILO ସମ୍ମିଳନୀ 190 ଆମେ ପ୍ରତିନିଧିତ୍ୱ କରୁଥିବା ସମସ୍ତ ଦେଶ ଦ୍ୱାରା ଅନୁମୋଦିତ ହେଉ ବୋଲି ଆମେ ଦାବି କରୁଛୁ।

**୫. ଆମେ ଦାବି କରୁଛୁ ସମାନ ଚାକିରି, ସମାନ ଦରମା ଓ ସମାନ ଅଧିକାର।**

ଅସମାନତା ଯୋଗୁଁ ଯୁବତୀମାନେ ଅସୁରକ୍ଷା, ବେକାରୀ ଏବଂ ଦାରିଦ୍ର୍ୟରେ ଅଧିକ ପେଷି ହେଉଛନ୍ତି। ଆମ ଶିଳ୍ପସଂସ୍ଥାଗୁଡ଼ିକରେ କାର୍ଯ୍ୟ କରୁଥିବା ଯୁବତୀମାନଙ୍କ କାର୍ଯ୍ୟକୁ ଦୃଷ୍ଟିକୁ ଅଣାଯିବା ଆବଶ୍ୟକ ଏବଂ ଯୁବତୀଙ୍କ ରୋଜଗାରକୁ ପ୍ରୋତ୍ସାହିତ କରିବା ଆବଶ୍ୟକ, ଯେଉଁଥିରୁ ସେମାନେ ପାରମ୍ପରିକ ଭାବେ ବାଦ ପଡ଼ିଛନ୍ତି।

**9. ଆମେ ଦାବି କରୁଛୁ ଏମିତି ଶ୍ରମଜୀବୀସଂଘ ଯେଉଁଠାରେ ସମସ୍ତଙ୍କର ସ୍ୱରକୁ ସମ୍ମାନ ଦିଆଯାଏ।**

IndustriALL ଓ ଏହାର ସହଯୋଗୀ ଅନୁଷ୍ଠାନଗୁଡ଼ିକରେ ଆମେ ଗଣତାନ୍ତ୍ରିକ ଓ ବ୍ୟାପକ ସଂଗଠନ ଚାହୁଁ ଯେଉଁଠି ବୟସ, ଲିଙ୍ଗ, ଉତ୍ପତ୍ତି, ଲିଙ୍ଗଗତ ଅଭିମୁଖ୍ୟ, ଜାତି, ସାମାଜିକ ସ୍ଥିତି, ଧର୍ମ କିମ୍ବା ସଂସ୍କୃତି ହେତୁ ଶ୍ରମଜୀବୀଙ୍କ ମଧ୍ୟରେ ଭେଦଭାବ କରାଯିବ ନାହିଁ। ଆମେ ଭେଦଭାବମୁକ୍ତ ଏକ ବିଶ୍ୱ ଚାହୁଁ।

**10. ଆମେ ଦାବି କରୁଛୁ କାର୍ଯ୍ୟ ଓ ଜୀବନର ଏକ ଉତ୍ତମ ସନ୍ତୁଳନ।**

ଜଳବାୟୁ ସଙ୍କଟ, ଶ୍ରମ ଜଗତର ପରିବର୍ତ୍ତନ ଏବଂ ଅନିଶ୍ଚିତ ନିଯୁକ୍ତି ବୃଦ୍ଧି, ଗିଗ୍ ଅର୍ଥନୀତି ଓ ପ୍ଲାଟଫର୍ମ କାର୍ଯ୍ୟର ଅଭିବୃଦ୍ଧି, ଆମର ଭବିଷ୍ୟତ ଉପରେ ସବୁଠାରୁ ଅଧିକ ପ୍ରଭାବ ପକାଇଥାଏ। ଶ୍ରମ ଜଗତ ବଦଳୁଛି। ନୂତନ ଜ୍ଞାନକୌଶଳ ନୂଆ ସମ୍ଭାବନା ସୃଷ୍ଟି କରିଥାଏ, ଯାହା ଆମର କାର୍ଯ୍ୟ ଓ ଜୀବନର ସନ୍ତୁଳନକୁ ଉନ୍ନତ କରିପାରେ। ଆମେ ଏହି ପରିବର୍ତ୍ତନ ଆଣିବାକୁ ଚାହୁଁଛୁ।

**11. ଆମେ ଦାବି କରୁଛୁ କାର୍ଯ୍ୟ ଜଗତ ସହିତ ଜଡ଼ିତ କ୍ଷେତ୍ରରେ ନିରନ୍ତର ଏବଂ ଗହନ ପ୍ରଶିକ୍ଷଣ।**

ଶିଳ୍ପ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଯୁବକଯୁବତୀମାନଙ୍କ ଦକ୍ଷତା ବୃଦ୍ଧି କରିବାକୁ ଓ ନିଷ୍ପତ୍ତି-ଗ୍ରହଣ ଦାୟିତ୍ୱ ଗ୍ରହଣ କରିବାକୁ ସେମାନଙ୍କୁ ସଶକ୍ତ କରିବା ଆବଶ୍ୟକ।

**12. ଆମେ ଦାବି କରୁଛୁ ଯୁବ ସଂଗଠନର ଅଭିଯାନକୁ ସହାୟତା କରିବା ପାଇଁ ଏକ ଯୁବ ସମ୍ପର୍କ ନେଟୱାର୍କ**

ଆମେ ବିଶ୍ୱାସ କରୁ ଯେ, ଆମ ସଂଗଠନରେ ଯୁବ ପିଢ଼ିକୁ ନିୟୋଜିତ କରିବା ପାଇଁ ଆମକୁ ସେଠାରେ ପହଞ୍ଚିବାକୁ ହେବ ଯେଉଁଠାରେ ଯୁବବର୍ଗ ଅଛନ୍ତି। ଏକ ଯୁବ ଯୋଗାଯୋଗ ନେଟୱାର୍କ ସଂଘଗୁଡ଼ିକର ସକାରାତ୍ମକ ବାର୍ତ୍ତା ବାଣ୍ଟିବାରେ ସାହାଯ୍ୟ କରିବ, ଯୁବକମାନେ କିପରି ସମ୍ପୃକ୍ତ ହୋଇପାରିବେ ସେହି ଉପାୟ ସେୟାର କରିବ ଏବଂ ବିଶ୍ୱର ସମସ୍ତ ଯୁବ ଶ୍ରମଜୀବୀଙ୍କ ପାଇଁ ସଂଘଗୁଡ଼ିକ କିପରି ପ୍ରାସଙ୍ଗିକ ତାହା ଦର୍ଶାଇବ।

**13. ଆମେ ଦାବି କରୁଛୁ ଷ୍ଟାଣ୍ଡାର୍ଡ ନିଯୁକ୍ତି ଚୁକ୍ତି ଯାହା ବିଶ୍ୱବ୍ୟାପୀ ସମସ୍ତ ଯୁବ ଶ୍ରମଜୀବୀଙ୍କ ଅଧିକାରର ପ୍ରତିଶ୍ରୁତି ଦେବ।**

ଆମେ ଚାକିରି ଓ ସାମାଜିକ ସୁରକ୍ଷାର ଅମଙ୍ଗଳ କରୁଥିବା ଶ୍ରମ ଆଇନ ସଂସ୍କାରକୁ ପ୍ରତ୍ୟାଖ୍ୟାନ କରୁ। ଚାକିରି, ଆୟ ଓ ସାମାଜିକ ନିରାପତ୍ତାକୁ ସୁନିଶ୍ଚିତ କରୁଥିବା ପ୍ରଗତିଶୀଳ ଶ୍ରମ ଆଇନ ସଂସ୍କାରକୁ ହୃଦୟଙ୍ଗମ କରିବାରେ IndustriALL ଏହାର ସମସ୍ତ ଅନୁବନ୍ଧିତ ସହଯୋଗୀଙ୍କ ପାଇଁ ଏକ ପ୍ରେରକ ଶକ୍ତି ହେବା ଉଚିତ।

14. ଅଭିଜ୍ଞତା ଓ ଜ୍ଞାନର ନିରନ୍ତର ପ୍ରସାରଣ ପାଇଁ ଆମେ ଆହ୍ୱାନ ଦେଉଛୁ। ଅପରପକ୍ଷରେ, ପୂର୍ବ ପିଢ଼ି ଦ୍ୱାରା ଯାହା କିଛି ହାସଲ କରାଯାଇଛି ତାକୁ ଆମେ ପ୍ରତ୍ୟାଖ୍ୟାନ କରୁନାହୁଁ। ସେଥିପାଇଁ ଆମେ ପରାମର୍ଶ କାର୍ଯ୍ୟକ୍ରମ ଦେଖିବାକୁ ଚାହୁଁ ଯେଉଁଠାରେ ଆମେ ଆମ ନେତାଙ୍କ ସହ ବିତର୍କ ଓ ଭାବବିନିମୟ କରିପାରିବା।

ଉପରୋକ୍ତ ବିଷୟବସ୍ତୁ ହାସଲ କରିବାକୁ ଆମେ IndustriALL ଅନୁବନ୍ଧନର ସମର୍ଥନ ଆହ୍ୱାନ କରୁଛୁ। ଆମେ ଆମ ନେତାମାନଙ୍କୁ ଆହ୍ୱାନ ଦେଉଛୁ। ଆମେ ଶ୍ରମଜୀବୀଙ୍କ ଶକ୍ତି ନିର୍ମାଣ ଓ ଶ୍ରମଜୀବୀଙ୍କ ଅଧିକାର ରକ୍ଷା କରିବାରେ ଆପଣଙ୍କୁ ସହଯୋଗ କରିବାକୁ ଚାହୁଁଛୁ। ସଂଘଗୁଡ଼ିକର ସଂରଚନା ଭିତରେ ଉନ୍ନତ ଯୁବ ଏକତା, ଅଂଶଗ୍ରହଣ ଓ ପ୍ରତିନିଧିତ୍ୱକୁ ଅଂଶୀଦାର କରିବା ପାଇଁ ସ୍ଥାନ ଖାଲି କରିବାର ସମୟ ଆସିଛି।

ଆମେ, ଯୁବ ଶ୍ରମଜୀବୀମାନେ, ଆମର ପ୍ରତିଫଳନ ଓ ସ୍ଥିତିକୁ ପରିଚ୍ଛନ୍ନ କରିବା ପାଇଁ ନିଜକୁ ସ୍ୱଷ୍ଟ କରିବା ଆବଶ୍ୟକ। ଏହା କରିବା ପାଇଁ ଆମେ ଆବଶ୍ୟକ କରୁଥିବା ସମ୍ବଳ ଏବଂ ଅଧିକାର ସହିତ ଯୁବକମାନଙ୍କ ପାଇଁ ସଂରକ୍ଷିତ ସ୍ଥାନ ଆବଶ୍ୟକ କରୁ। ଆମେ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ସ୍ତରରେ ନିଜକୁ ସ୍ୱଷ୍ଟ ଭାବେ ବ୍ୟକ୍ତ କରିବାକୁ ଚାହୁଁ। ଆମେ ଚାହୁଁ ଏହି କାର୍ଯ୍ୟ ମଞ୍ଚଗୁଡ଼ିକ ଆନୁଷ୍ଠାନିକ ଭାବରେ IndustriALL ଓ ଏହାର ସହଯୋଗୀମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହେଉ।

IndustriALL ଓ ଏହାର ଏହାର ଅନୁବନ୍ଧିତ ସଂସ୍ଥାଗୁଡ଼ିକ ଆଞ୍ଚଳିକ ଓ ଜାତୀୟ ଯୁବ ନିରୀକ୍ଷା କରିବାକୁ ଅଗ୍ରାଧିକାର ଦେବା ଉଚିତ, ଯାହା ଫଳରେ ଅଞ୍ଚଳ ଓ ଜାତୀୟ ସ୍ତରରେ ଯୁବକଙ୍କ କାର୍ଯ୍ୟଧାର ବିଷୟରେ ସୂଚନା ମିଳିବ। ଏବଂ ଅନୁବନ୍ଧିତ ସ୍ତରରେ ଯୁବକଙ୍କ ବିଷୟରେ ଅଗ୍ରଣୀ ସୂଚନା ମିଳିପାରିବ।

<u>ସାହାରା-ନିମ୍ନ ଅଞ୍ଚଳ ପାଇଁ,</u>

ମନୋନୀତ ହୋଇଥିବା SSA ଯୁବ ସମିତି IndustriALL ଓ ଏହାର ଅନୁବନ୍ଧିତ ସହଯୋଗୀ ସଂରଚନାରେ ଏକୀକୃତ ହୋଇଛି ବୋଲି IndustriALL ନିଶ୍ଚିତ କରିବାକୁ ଚାହୁଁଛି ଯାହା ଫଳରେ ସମିତି କାର୍ଯ୍ୟକ୍ଷମ କରାଯାଇପାରିବ ଏବଂ ଉଭୟ ଜାତୀୟ, ଆଞ୍ଚଳିକ ତଥା ବିଶ୍ୱ ସ୍ତରରେ ଯୁବ ସଂରଚନା ପ୍ରତିଷ୍ଠିତ ହେବା ନିଶ୍ଚିତ କରାଯାଇପାରିବ।

ଯୁବ ଶ୍ରମଜୀବୀଙ୍କ ଦକ୍ଷତା ଏବଂ ସଂଘର ନିଷ୍ପତ୍ତି-ଗ୍ରହଣ ପ୍ରକ୍ରିୟା ସମେତ ସଂଘର ସମସ୍ତ କାର୍ଯ୍ୟକଳାପରେ ସକ୍ରିୟ ଭାବେ ସମ୍ପୃକ୍ତ ହେବା ଓ ସମ୍ପୂର୍ଣ୍ଣ ଏକୀକୃତ ହେବା କ୍ଷମତାର ବିକାଶ ପାଇଁ IndustriALL ଓ ଏହାର ଅନୁବନ୍ଧିତ ସଂସ୍ଥାଗୁଡ଼ିକ ଇଚ୍ଛାକୃତ ଓ ସଚେତନ ଭାବେ ପ୍ରୟାସ କରିବେ।  ପ୍ରଶିକ୍ଷଣ ପାଇଁ ଉପଯୁକ୍ତ ମନେ ହେଲେ ଏବଂ ଉପଯୁକ୍ତ ସମୟରେ ଯୁବ ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରିବା ବିଷୟରେ ଆଞ୍ଚଳିକ କାର୍ଯ୍ୟନିର୍ବାହୀ ସମିତି ବିଚାର କରିବା ଉଚିତ।